# ସଂକ୍ଷେପରେ

## କରୋନା ନେଲା ୬ ଜୀବନ

**ଅନୁଗୋଳ ଅଫିସ, ୨୧।୭:** ଅନୁଗୋଳ ଜିଲାରୁ ବୁଧବାର ୫୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୨ ହଜାର ୩୬୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟାରପାଳ ବ୍ଲକରୁ ୧୧, ଛେଣ୍ଡିପଦା ବ୍ଲକରୁ ୭, କିଶୋରନଗର ବ୍ଲକରୁ ୬, ଅନୁଗୋଳ ପୌରାଞ୍ଚଳରୁ ୬, ଅନୁଗୋଳ ବ୍ଲକରୁ ୫, ତାଳଚେର ବ୍ଲକରୁ ୫, ତାଳଚେର ପୌରାଞ୍ଚଳରୁ ୪, କଣିହାଁ ବ୍ଲକରୁ ୪, ଆଠମଲ୍ଲିକ ବ୍ଲକରୁ ୩, ପାଲଲହଡ଼ା ବ୍ଲକରୁ ୩ ଓ ଆଠମଲ୍ଲିକ ଏନ୍ଏସିରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୬୫ ଜଣ କରୋନରୁ ସୁସ୍ଥ ହୋଇଥିବାବେଳେ ପୁଣି ୬ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ କରୋନା ମୃତକଙ୍କ ସଂଖ୍ୟା ୨୦୬ରେ ପହଞ୍ଚିଛି।

## ଜିଲାସ୍ତରୀୟ ପ୍ରତିଯୋଗିତା

**ଅନୁଗୋଳ ଅଫିସ, ୨୧।୭:** ଓଡ଼ିଶା ସାହିତ୍ୟ ଏକାଡେମୀର ୬୪ ତମ ପ୍ରତିଷ୍ଠା ଦିବସ ଅବସରରେ ଜିଲାସ୍ତରୀୟ ସାହିତ୍ୟ ସମ୍ପର୍କିତ ବକ୍ତୃତା, ଦେଶାତ୍ମବୋଧ କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଭାରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହୋଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମଣ କୁମାର ବେହେରା ଓ ସହଯୋଗୀ ଦୁର୍ଗା ମାଧବ ପଣ୍ଡାଙ୍କ ପରିଚାଳନାରେ ଭର୍ଚୁଆଲ ମାଧ୍ୟମରେ ଏହା ଅନୁଷ୍ଠିତ ହୋଇଥିଲା। ଏକାଡେମୀ ସଦସ୍ୟ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ ଡ. ଶାନ୍ତନୁ ସର, ଜିଲା ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି, ଲେଖକ ଅସିତ ପଟ୍ଟନାୟକ, କବି ମନୋଜ ନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ।

## ଶିକ୍ଷକଙ୍କଠାରୁ ୭୫ ହଜାର ଲୁଟ୍

**ଅନୁଗୋଳ ଅଫିସ, ୨୧।୭:** ଅନୁଗୋଳ ସହର ଉପକଣ୍ଠ ଖଲାରୀ ରାମେଶ୍ୱର ମନ୍ଦିର ସାହିରେ ରହୁଥିବା ଶିକ୍ଷକ ପ୍ରଭାତ ଦାସ ବୁଧବାର ଲୁଟ୍‌ର ଶିକାର ହୋଇଛନ୍ତି। ଦୁଇଜଣ ଲୁଟେରା ଏଣୁତେଣୁ କଥା କହି ଅନ୍ୟମନସ୍କ କରିଦେବା ପରେ ଶିକ୍ଷକଙ୍କ ସାଇକେଲ କ୍ୟାରିୟରରୁ ୭୫ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ଶିକ୍ଷକ ଜଣକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

**କଣିହାଁ,୨୧।୭(ଡି.ଏନ.ଏ):** କଣିହାଁ ବ୍ଲକ ସମଲ ଥାନା ବଲାଙ୍ଗୀ ନିକଟରେ ବୁଧବାର ଗାଡ଼ି ଧକ୍କାରେ ପରଜଙ୍ଗ ଥାନା ଆଖୁଆପାଳ ଗ୍ରାମର ସାଗର ସାହୁଙ୍କ ମୃତ୍ୟୁ ହୋଇଛି। ସେହି ଗ୍ରାମର ଦୀପକ ନାଏକ ଗୁରୁତର ହୋଇଛନ୍ତି। ଏ ନେଇ ସମଲ ଥାନାରେ ନଂ. ୧୬୨/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ହରି ପ୍ରଧାନ ସୂଚନା ଦେଇଛନ୍ତି।

## ଷ୍ଟାଡିୟମ ନିର୍ମାଣ ଆଲୋଚନା

**ଖମାର,୨୧।୭(ଡି.ଏନ.ଏ.):** ପାଲଲହଡ଼ା ଉପଖଣ୍ଡ ଖମାରସ୍ଥିତ ଡାକ ବଙ୍ଗଳାରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ ପାଲ ଉପସ୍ଥିତ ରହି ବସ୍‌ଷ୍ଟାଣ୍ଡ ଓ ନୂତନ ଷ୍ଟାଡିୟମ ନିର୍ମାଣ ସମ୍ପର୍କରେ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ, ବିଭିନ୍ନ ଗ୍ରାମ କମିଟି ମୁଖ୍ୟ, ସରପଞ୍ଚ ସସ୍ମିତା ସାହୁ, ମୁଣ୍ଡୁରିବେଡ଼ା ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ। ଏହି ସଭାରେ ପ୍ରେସ୍ କ୍ଲବ ସଭାପତି ଗୋପବନ୍ଧୁ ସାହୁ, ଉପସଭାପତି ଯୁଗଳ କିଶୋର ପରିଡା, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, ଜିଲା ବିଜେଡି ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ପିତ୍ର ସାହୁ, ରଞ୍ଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମୀଣ ପାର୍କ ବୁଲି ଦେଖିଲେ ଜିଲାପାଳ

**ମାଧପୁର,୨୧।୭:** ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୁଧବାର ଆଠମଲ୍ଲିକ ବ୍ଲକ ଗସ୍ତରେ ଆସି ମାଧପୁର ଏବଂ କନ୍ଧପଡା ପଞ୍ଚାୟତର ଗ୍ରାମୀଣ ପାର୍କ ବୁଲି ଦେଖିବା ସହିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ସମୟରେ ଉପଜିଲାପାଳ ଲଳିତ ମୋହନ ବେହେରା, ବିଡିଓ ସନ୍ତୋଷ କୁମାର ସାହୁ, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ, ମାଧପୁର ପଞ୍ଚାୟତ ନିର୍ବାହୀ ଯନ୍ତ୍ରୀ ଜି.ସି. ଆଚାରି, କନ୍ଧପଡା ପଞ୍ଚାୟତ ନିର୍ବାହୀ ଯନ୍ତ୍ରୀ ସୁବାସ ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜତିଳକ ବେହେରା, ଜିଆରଏସ୍ ସୁନୀଲ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ସହଯୋଗକାରୀଙ୍କୁ ଅସହଯୋଗ

- ବେସାମରିକ ପ୍ରତିରକ୍ଷା ସଙ୍ଗଠନକୁ ସରକାରଙ୍କ ଅବହେଳା
- ତାଳଚେର କାର୍ଯ୍ୟାଳୟରେ ନାହାନ୍ତି ଅଧିକାରୀ, କର୍ମଚାରୀ
- ଅଫିସ ଖୋଲୁଛନ୍ତି, ତାଲା ପକାଉଛନ୍ତି ରାତ୍ର ଜଗୁଆଳ

ମନୋଜ ନନ୍ଦ
ତାଳଚେର,୨୧।୭



ତାଳଚେରଠାରେ ଥିବା ବେସାମରିକ ପ୍ରତିରକ୍ଷା ସଙ୍ଗଠନ କାର୍ଯ୍ୟାଳୟ।

ଯୁଦ୍ଧ ହେଉ ଅବା ପ୍ରାକୃତିକ ବିପର୍ଯ୍ୟୟ, ଜନସାଧାରଣଙ୍କ ଆଡ଼କୁ ଲମ୍ବିବ ଅଧିକ ସହଯୋଗର ହାତ। ପୋଲିସ, ଅଗ୍ନିଶମ, ଓଡ୍ରାଫ୍ଟ ଓ ସେନା କର୍ମଚାରୀଙ୍କ ପରି ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ବିପଦ ବେଳର ବନ୍ଧୁ ସାଜିବେ। ଧନଜୀବନ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଆବଶ୍ୟକସ୍ଥଳେ ଆଇନଶୃଙ୍ଖଳା କାର୍ଯ୍ୟରେ ପୋଲିସକୁ ସହାୟତା ଦେବେ। ଏହି ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବେସାମରିକ ପ୍ରତିରକ୍ଷା ସଙ୍ଗଠନ ବା ସିଭିଲ ଡିଫେନ୍ସ ଅର୍ଗାନାଇଜେଶନ ଆରମ୍ଭ କରାଯାଇଥିଲା। ୧୯୮୧ରୁ ଏହାର ଏକ କାର୍ଯ୍ୟାଳୟ ଅନୁଗୋଳ ଜିଲା ତାଳଚେରଠାରେ ସ୍ଥାପନ ହୋଇଥିଲା। ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାକାର ୧୫୧୩ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦିଆଯାଇ ସଙ୍ଗଠନରେ ସାମିଲ କରାଯାଇଛି। କିନ୍ତୁ ଦୀର୍ଘଦିନ ହେଲା ତାଳଚେରସ୍ଥିତ ଏହି ସଙ୍ଗଠନ ଓ ସ୍ୱେଚ୍ଛାସେବୀଙ୍କୁ ସରକାରଙ୍କ ପକ୍ଷରୁ ସେପରି ସହଯୋଗ ମିଳୁନାହିଁ। କେବଳ ରାତ୍ର ଜଗୁଆଳଙ୍କୁ ଛାଡ଼ିଦେଲେ କାର୍ଯ୍ୟାଳୟରେ କୌଣସି ଅଧିକାରୀ, କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ।

ଏମ୍‌ସିଏଲ୍, ଏନ୍‌ଟିପିସି, ଟିଟିପିଏସ୍, ହେଭିୱାଟର ପ୍ରୋଜେକ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ଉଦ୍ୟୋଗ ଥିବା ତାଳଚେରରେ ବେସାମରିକ ପ୍ରତିରକ୍ଷା ସଙ୍ଗଠନର କାର୍ଯ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ୧୯୮୧ ମସିହାରେ ପଦକ୍ଷେପ ନିଆଯାଇଥିଲା। ଗୃହ ବିଭାଗ ଚିଠି ନଂ ୮୫୧/୧୦।୭।୮୧ରେ ଏହି କାର୍ଯ୍ୟାଳୟକୁ କାଟେଗୋରି-୨ ସିଭିଲ ଡିଫେନ୍ସ ଟାଉନ ଭାବେ ସ୍ଥାପନ କରାଯାଇଥିଲା। ୧୯୮୨ରେ ଏହା କାଟେଗୋରି-୧(କ) ସିଭିଲ ଡିଫେନ୍ସ ଟାଉନ ଓ ପରେ କେନ୍ଦ୍ର ସରକାରଙ୍କ ଦ୍ୱାରା କାଟେଗୋରି-୧ ସିଡି ଟାଉନକୁ ଉନ୍ନିତ ହୋଇଥିଲା। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଘରୋଇ ବିଭାଗ ଦ୍ୱାରା ପରିଚାଳିତ ଏହି ସଙ୍ଗଠନରେ ଥିବା ୧୫୧୩ ଜଣ ସ୍ୱେଚ୍ଛାସେବୀଙ୍କୁ ଯୁଦ୍ଧ ସମୟରେ ଧନଜୀବନ ସହ ଜାତୀୟ ସମ୍ପତ୍ତିର ସୁରକ୍ଷା ସମ୍ପର୍କରେ ତାଲିମ ଦିଆଯାଇଛି। ଏଥିସହ ମହାବାତ୍ୟା, ବନ୍ୟା ଭଳି ବିପତ୍ତିର ମୁକାବିଲା କରିବାରେ ଏମାନେ ସକ୍ଷମ। ରଥଯାତ୍ରା, ହିଙ୍ଗୁଳା ଯାତ୍ରା ଓ ରାଜ୍ୟସ୍ତରୀୟ ବିଭିନ୍ନ ମହୋତ୍ସବରେ ଆଇନଶୃଙ୍ଖଳା ରକ୍ଷାରେ ଏହି ସଙ୍ଗଠନର ସ୍ୱେଚ୍ଛାସେବୀମାନେ ପୋଲିସକୁ ସାହାଯ୍ୟ କରିଥାନ୍ତି। ଏହି କାର୍ଯ୍ୟାଳୟରେ ଜଣେ ସିଡିଆଇ, ଏସ୍‌ଏସ୍‌ଆଇ, ଜୁନିୟର କ୍ଲର୍କ, ପିଅନ, ମୋଟରସାଇକେଲ ଆରୋହୀ ଓ ଜଣେ ରାତ୍ର ଜଗୁଆଳ ରହିବା କଥା। କିନ୍ତୁ ଦୀର୍ଘ ୧୧ ବର୍ଷ ଧରି ଅଧିକାରୀ ପଦବୀ ଖାଲି ପଡିବା ପରେ ୨୦୧୬ ଜୁନ୍‌ରେ ଜଣେ ସିଡିଆଇଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା। ୨୦୧୮ ଏପ୍ରିଲରେ ସେ ଅବସର ନେବା ପରେ ଉକ୍ତ ପଦବୀରେ ଆଉ ନିଯୁକ୍ତି ଦିଆଯାଇ ନାହିଁ। କାର୍ଯ୍ୟାଳୟ ସମ୍ଭାଳୁଥିବା ଜଣେ କିରାଣିଙ୍କ ବଦଳି ପରଠାରୁ ଏଠାରେ ତାଲା ଝୁଲୁଥିଲା। ଗତମାସ ୨୨ ତାରିଖଠାରୁ ରାତ୍ରଜଗୁଆଳ ଦୈନିକ ଅଫିସ ଖୋଲିବା ସହ ତାଲା ପକାଇବା କାର୍ଯ୍ୟ କରୁଛନ୍ତି। ବିପଦ ସମୟରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ଆବଶ୍ୟକ ସରଞ୍ଜାମ ମଧ୍ୟ ଏଠାରେ ନାହିଁ। ଜିଲାପାଳ ସଙ୍ଗଠନର ନିୟନ୍ତ୍ରକ ଓ ଉପଜିଲାପାଳ ଉପନିୟନ୍ତ୍ରକ ଦାୟିତ୍ୱରେ ଅଛନ୍ତି। କିନ୍ତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନରେ ସିଧାସଳଖ ଭାବେ ଉପନିୟନ୍ତ୍ରକ ନ ଥିବାରୁ ସଙ୍ଗଠନର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସ୍ୱେଚ୍ଛାସେବୀମାନଙ୍କ ଆୟ ଦିଗରେ ମଧ୍ୟ ଉପଯୁକ୍ତ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି।

### ସରକାରଙ୍କ ଶୁଭ ଦୃଷ୍ଟି ପଡୁ



"ଏହା ଏକ କାଟେଗୋରି-୧ ସିଭିଲ ଡିଫେନ୍ସ ଟାଉନ ମାନ୍ୟତାପ୍ରାପ୍ତ ସଙ୍ଗଠନ। ଏହାର ସ୍ୱେଚ୍ଛାସେବୀମାନେ ଉତ୍ସାହିତ ଥିବାବେଳେ ସରକାର ସଙ୍ଗଠନ ପ୍ରତି ଦୃଷ୍ଟି ଦେଉନାହାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଏ ନେଇ ପଦକ୍ଷେପ ନେବା ଜରୁରୀ।

– ଜ୍ଞାନରଞ୍ଜନ ଦାସ, ସ୍ୱେଚ୍ଛାସେବୀ, ତାଳଚେର

### ମନୋବଳ ବଢ଼ାଯିବା ଦରକାର



"ତାଳଚେର ଭଳି ଶିଳ୍ପାଞ୍ଚଳରେ ଏଭଳି ସଙ୍ଗଠନ ବଞ୍ଚି ରହିବା ଦରକାର। ଦୀର୍ଘଦିନ ହେଲା କାର୍ଯ୍ୟାଳୟରେ ଅଧିକାରୀ ନାହାନ୍ତି। ସରକାର କାହିଁକି ଏହାକୁ ଅଣଦେଖା କରୁଛନ୍ତି ତାହା ବୁଝାପଡୁ ନାହିଁ। ସହଯୋଗ ମିଳିଲେ ସ୍ୱେଚ୍ଛାସେବୀଙ୍କ ମନୋବଳ ବଢ଼ନ୍ତା।

–ବାଉରିବନ୍ଧୁ ବେଜ, ସ୍ୱେଚ୍ଛାସେବୀ, ତାଳଚେର

### ଅଫିସ ବନ୍ଦ ସହ ସମାନ



"ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ଅଫିସକୁ ଜାଣିଶୁଣି ସ୍ଥାଣୁ କରି ରଖାଯାଉଛି। କର୍ମଚାରୀଙ୍କୁ ନିଯୁକ୍ତି ଦିଆ ନ ଯିବା କାର୍ଯ୍ୟାଳୟ ବନ୍ଦ ସହ ସମାନ। ସ୍ୱେଚ୍ଛାସେବୀମାନଙ୍କୁ କାମ ମିଳୁନି କି ସେମାନେ ଆୟ ପାଉନାହାନ୍ତି।

– ଶ୍ରୀନିବାସ ସେଠୀ, ସ୍ୱେଚ୍ଛାସେବୀ, ତାଳଚେର

### କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି



"ଦୀର୍ଘଦିନ ହେଲା ଅଫିସ ବନ୍ଦ ରହିଥିଲା। ଉପଜିଲାପାଳ ଭାବେ ଯୋଗଦେବା ପରେ ଏହି ଅଫିସକୁ ପିଅନ ଦ୍ୱାରା ଖୋଲାଇ ସଫା ସୁତୁରା କରାଇଛି। ଅଧିକାରୀ କି କର୍ମଚାରୀ କେହି ନାହାନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି।

–ବିଶ୍ୱରଞ୍ଜନ ରଥ, ଉପଜିଲାପାଳ, ତାଳଚେର

### ପଦକ୍ଷେପ ଗ୍ରହଣ କରାଯିବ



"ବେସରକାରୀ ପ୍ରତିରକ୍ଷା ସଙ୍ଗଠନ କାର୍ଯ୍ୟାଳୟରେ କର୍ମଚାରୀ ନ ଥିବା ନେଇ ଅନୁଧ୍ୟାନ କରାଯିବ। କେଉଁ କାରଣରୁ ସେଠାରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇନାହିଁ, ତାହା ଜଣାପଡ଼ିବା ପରେ ପଦକ୍ଷେପ ଗ୍ରହଣ କରାଯିବ।

–ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

## ତହସିଲ କାର୍ଯ୍ୟାଳୟରେ ମେଳି, ଭୋଜିଭାତ

ଅନୁଗୋଳ ଅଫିସ, ୨୧।୭

**କୋଭିଡ୍ କଟକଣା ଉଲ୍ଲଂଘନ**

ବିବାହ, ଶୁଦ୍ଧିକ୍ରିୟାରେ ଭୋଜିଭାତ ମନା। କେବଳ ପାର୍ସଲ ଦିଆଯାଇପାରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଉଛି। ଏପରି କାର୍ଯ୍ୟରେ ୨୫ରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ ବୋଲି କଡ଼ା କଟକଣା କରାଯାଇଛି। କିନ୍ତୁ ବାବୁମାନଙ୍କ କ୍ଷେତ୍ରରେ ଏହା କିପରି ପାଳନ ହେଉଛି, ତାହାର ଏକ ଉଦାହରଣ ବୁଧବାର ଅନୁଗୋଳ ତହସିଲ କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଛି। ଏଠାରେ ବାବୁମାନେ ମେଳି ହେବା ସହ ଭୋଜିଭାତ କରିଥିବା ସାଧାରଣରେ ଅଭିଯୋଗ ହେଉଛି।

ଅଭିଯୋଗ ମୁତାବକ, ବୁଧବାର ଛୁଟି ଥିଲେ ବି ଅନୁଗୋଳ ତହସିଲ କାର୍ଯ୍ୟାଳୟ ପରିସର ଚଳଚଞ୍ଚଳ ଥିଲା। ଏଠାରେ ଥିବା ଜଣେ ଅତିରିକ୍ତ ତହସିଲଦାରଙ୍କ ବିଦାୟକାଳୀନ ଉତ୍ସବ ପାଳନ କରାଯାଉଥିଲା। ତହସିଲଦାରଙ୍କ ଉପସ୍ଥିତିରେ ଅନୁଗୋଳ ଓ ବଣ୍ଟାରପାଳ ତହସିଲ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସାମାଜିକ ଦୂରତ୍ୱ ଓ ମାସ୍କ ନିୟମ ଉଲ୍ଲଂଘନ ସହ ଭୋଜିଭାତର ଆୟୋଜନ କରାଯାଇଥିଲା। ଘଟଣା ଜଣାପଡ଼ିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲାପାଳ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ବିମଳ କୁମାର ଲେଙ୍କା କହିଛନ୍ତି, କାର୍ଯ୍ୟାଳୟ ପରିସରକୁ ସ୍ୱଚ୍ଛ କରାଯାଉଥିଲା। ବିଦାୟ କାଳୀନ ସମ୍ବର୍ଦ୍ଧନା ପୂର୍ବରୁ ସରିଥିବାବେଳେ ଏହା ନନ୍ ଅଫିସିଆଲି ଆୟୋଜନ ହୋଇଥିଲା।

## ଖୋଳିଥିବା କମ୍ପାନୀ ରାସ୍ତା ମରାମତି କରିବ


ବୈଠକରେ ଉପସ୍ଥିତ ବିଧାୟକ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ପାଲଲହଡ଼ା,୨୧।୭(ଡି.ଏନ.ଏ.)

ବୃହତ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ନେଇଥିବା ଏଲ୍ ଆଣ୍ଡ ଟି କମ୍ପାନୀ ପାଇପ୍ ବିଛାଇବା ନିମନ୍ତେ ପାଲଲହଡ଼ା ବ୍ଲକର ବିଭିନ୍ନ ରାସ୍ତାକୁ ମନଇଚ୍ଛା ଖୋଳି ପକାଇଥିବା ବେଳେ ମରାମତି କରୁନାହିଁ। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଠିକାସଂସ୍ଥାର କାର୍ଯ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଠିକା ସଂସ୍ଥାର ପରିଚାଳକ ପ୍ରବୀଣ କୁମାର ପ୍ରଶାସନିକ ଅଧିକାରୀ ଓ ବିଧାୟକଙ୍କ ସହିତ ଆଲୋଚନା କରି ଖୋଳା ଯାଇଥିବା ଗାଁ ରାସ୍ତା ଖୁବ୍‌ଶୀଘ୍ର ମରାମତି କରାଯିବା ଏବଂ କାର୍ଯ୍ୟର ମାନ ଠିକ୍ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ତମ ରୂପେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ନିଜିଗଡ଼ ସରପଞ୍ଚ ଗୁଣନିଧି ଦ୍ୱିବେଦୀ, ସମିତି ସଭ୍ୟ ଦିଲୀପ କୁମାର ଉଦାବଳ ଏବଂ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାର ବିକ୍ଷୋଭ

ବଇଣ୍ଡା/ ଛେଣ୍ଡିପଦା,୨୧।୭ (ଡି.ଏନ.ଏ)

ବିଦ୍ୟୁତ୍ ଦର ବୃଦ୍ଧି ଓ ଅଘୋଷିତ ପାୱର କଟ୍ ପ୍ରତିବାଦରେ ଭାଜପା ପକ୍ଷରୁ ବୁଧବାର ବାମୁର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଣ୍ଡଳ ସଭାପତି ଜଳଧର ପ୍ରଧାନଙ୍କ ସଭାପତିତ୍ୱରେ ଅଜିତ ପ୍ରଧାନ, ବିଶ୍ୱଜିତ ମିଶ୍ର, ଅର୍ଜୁନ ପାଣ୍ଡେ, ରତ୍ନାକର ପ୍ରଧାନ, ହୃଦାନନ୍ଦ ପ୍ରଧାନ, ଅଲେଖ ପ୍ରଧାନ, ଶରତ ପ୍ରଧାନ, ଅଶୋକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଛେଣ୍ଡିପଦା ବ୍ଲକ ଭାଜପା ପକ୍ଷରୁ ଜରପଡା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ମଣ୍ଡଳ ସଭାପତି ମଦନମୋହନ ଗଡନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ମାଝି, ସୁଦୀପ୍ତ ଗଡ଼ନାୟକ, ଡମ୍ବରୁ ବେହେରା, ଜୀବନ ସାହୁ, ଚିତ୍ତରଞ୍ଜନ ଦାସ, ପ୍ରତାପଚନ୍ଦ୍ର ସାହୁ, ସଂଗ୍ରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବଙ୍ଗଳାରୁ କାଠ ଜବତ ଘଟଣାର ତଦନ୍ତ ସରୁନି

ଅନୁଗୋଳ ଅଫିସ, ୨୧।୭

- ବନ ବିଭାଗ ଦେଇ ନ ଥିଲା ଅନୁମତି
- ସଫେଇ ଆଳରେ କଟାଯାଇଛି ଶାଗୁଆନ ଗଛ
- ଦୃଷ୍ଟି ହଟାଇବାକୁ କରାଯାଉଛି ବିଳମ୍ବ



ତାଳଚେର ହାଟତୋଟାସ୍ଥିତ ରାଜସ୍ୱ ଡାକବଙ୍ଗଳାରେ ଥିବା ଏକ ଶାଗୁଆନ ଗଛକୁ ଗତ ୧୦ ତାରିଖରେ ବନ ବିଭାଗର ବିନା ଅନୁମତିରେ କଟାଯାଇଥିଲା। ସଫେଇ ଆଳରେ ଜେସିବି ଓ କଟର୍ ଲଗାଯାଇ ଏହି ବଡ଼ ଗଛ କଟାଯିବା ସହ ଦାମୀ କାଠ ଗାଏବ ପାଇଁ ବିଭିନ୍ନ ସ୍ଥାନରେ ରଖାଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ବନ ବିଭାଗ ଜବତ କରିଥିଲେ ମଧ୍ୟ ଗଛ କଟାଯିବା ଘଟଣାର ତଦନ୍ତ ସରୁନାହିଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ। ପୌରପାଳିକାର ଏକ କ୍ୱାର୍ଟର୍ସରେ ୨୩ ଖଣ୍ଡ କାଠ ରଖିଥିବା ଅଭିଯୋଗରେ ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇ ମାମଲା ଉପରୁ ଦୃଷ୍ଟି ହଟାଇ ଦିଆଯିବାକୁ ଜୋରଦାର ଉଦ୍ୟମ କରାଯାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ରାଜସ୍ୱ ବିଭାଗ ବଙ୍ଗଳାରୁ ଗଛ କଟାଯିବା ଘଟଣା ଗତ ୧୪ ତାରିଖରେ ପ୍ରଘଟ ହେବା ପରେ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଖୋଳତାଡ଼୍ ବେଳେ ତାଳଚେର ପୌରପାଳିକାର ଏକ କ୍ୱାର୍ଟର୍ସରୁ ୨୩ ଖଣ୍ଡ ଓ ବଙ୍ଗଳାର ବନ୍ଦ ଘରୁ ୮ ଖଣ୍ଡ ଶାଗୁଆନ ଗଣ୍ଡି ବନ ବିଭାଗ ଜବତ କରିଥିଲା। ପୌରପାଳିକାର ଅମିନ୍ ଗଜେନ୍ଦ୍ର ଦାମୋଦର କ୍ୱାର୍ଟର୍ସରେ କାଠ ଗଣ୍ଡି ରଖିଥିବା ଲିଖିତ ଭାବେ ଜଣାଇବା ପରେ ତାଙ୍କୁ ଗିରଫ କରାଯାଇଥିବା ବନ ବିଭାଗର ବରିଷ୍ଠ ଅଧିକାରୀ ତ୍ରିଲୋଚନ ବେହେରା କହିଛନ୍ତି। କିନ୍ତୁ ବଙ୍ଗଳାରୁ କାଠ କାଟିବା ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ ତାହା ତଦନ୍ତ ପରିସରଭୁକ୍ତ ରହିଛି। ବଙ୍ଗଳାରୁ ବାହାରିଥିବା କାଠଗଣ୍ଡି ସମ୍ପର୍କରେ ମଧ୍ୟ ତଦନ୍ତ କରାଯାଉଛି। ଜେସିବି ଓ କଟର ମେଶିନ୍ ସମ୍ପର୍କରେ କିଛି ଜଣାପଡ଼ି ନ ଥିବା ବେହେରା ପ୍ରକାଶ କରିଛନ୍ତି।

## 'ସମନ୍ୱୟ ରହିଲେ ନ୍ୟାୟ ମିଳିବ'



କାର୍ଯ୍ୟକ୍ରମରେ ବିଚାରପତିଙ୍କ ସହ ଓକିଲ ସଂଘ କର୍ମକର୍ତ୍ତାମାନେ।

ଛେଣ୍ଡିପଦା,୨୧।୭(ସ୍ୱ.ପ୍ର.)

ଛେଣ୍ଡିପଦା କନିଷ୍ଠ ବିଚାର ବିଭାଗୀୟ ଦେୱାନୀ ଅଦାଲତର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ନଗେନ ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବିଚାରପତି ତନ୍ୱି ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଓକିଲ ସଂଘ ଓ ବିଚାରାଳୟ ମଧ୍ୟରେ ସମନ୍ୱୟ ରହିଲେ ସାଧାରଣ ଲୋକେ ଠିକ୍ ନ୍ୟାୟ ପାଇପାରିବ ବୋଲି କହିଥିଲେ। ଆଇନଜୀବୀ ସଂଘ ଉପସଭାପତି ଗଣେଶ୍ୱର ଭୂତିଆ, ସମ୍ପାଦକ ଗୋପବନ୍ଧୁ ସାହୁ, ସହ ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ପ୍ରଶାନ୍ତ ସାହୁ, ସାଂସ୍କୃତିକ ସମ୍ପାଦକ ସୁଶୀଲ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସଂଘ ସଦସ୍ୟ ଭୋଳେଶ୍ୱର ବେହେରା, ସରକାରୀ ଓକିଲ ଉତ୍କଳ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ରାଜକିଶୋର ବେହେରା, ପଦ୍ମଚରଣ ମାଝି, ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୬୦ ୟୁନିଟ୍ ରକ୍ତ ସଂଗ୍ରହ

ଛେଣ୍ଡିପଦା,୨୧।୭(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାଗଡିଆ ଉଚ୍ଚ ବିଦ୍ୟାଳୟରେ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ ଯୋଗଦେଇ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ମିକୁ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଗୌରୀ ପ୍ରଧାନ, ବାଗଡିଆ ସରପଞ୍ଚ ସଞ୍ଜୟ ବେହେରା, ଟାଙ୍ଗିରୀ ସରପଞ୍ଚ ସସ୍ମିତା ସାହୁ, ନଗେନ ପ୍ରଧାନ, ରମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ବିଜେଡି ସଭାପତି ଆଶିଷ କୁମାର ପ୍ରଧାନ, ବ୍ଲକ ଉପସଭାପତି ମୋତିଲାଲ ଦେହୁରୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ସୁମିତ ପ୍ରଧାନ, ଅଜୟ ବାରିକ, ସୁଶୀଲ ବେହେରା, ବିଶ୍ୱଜିତ ସାହୁ, ସତ୍ୟବାଦୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଭଏରପୁର କେନାଲରେ ୩୦ ଫୁଟ ଘାଇ

କାମାକ୍ଷାନଗର, ୨୧।୭(ଡି.ଏନ୍.ଏ.)

- ବ୍ୟାପକ ଜମି ଜଳମଗ୍ନ, ଚାଷ କ୍ଷତିଗ୍ରସ୍ତ
- ବାରମ୍ବାର କେନାଲ ଭାଙ୍ଗୁଥିବାରୁ ଅସନ୍ତୋଷ
- ଖଳପ୍ରକୃତିର ଲୋକଙ୍କ କାର୍ଯ୍ୟ: ଯନ୍ତ୍ରୀ


ରେଙ୍ଗାଲି କେନାଲ ଭଏରପୁର ଶାଖା ବନ୍ଧରେ ଘାଇ ସୃଷ୍ଟି ହୋଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଗୁନେଇବିଲି ପଞ୍ଚାୟତର ସାନ୍ତରାପୁର ନିକଟବର୍ତ୍ତୀ ରେଙ୍ଗାଲି କେନାଲ ଭଏରପୁର ଶାଖାର ଅନ୍ତଗାଡ଼ିଆରେ ବୁଧବାର ୩୦ ଫୁଟର ଘାଇ ସୃଷ୍ଟି ହୋଇଛି। କେନାଲ ପାଣି ସ୍ରୋତରେ ବ୍ୟାପକ ଚାଷଜମି ଜଳମଗ୍ନ ହୋଇଯାଇଛି। କେବଳ ସାନ୍ତରାପୁର ନିକଟରେ ୨୦ ଏକର ଜମିରେ ହୋଇଥିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବାଲିପଡ଼ା, ରାଙ୍ଗିଆର ଚାଷଜମି ମଧ୍ୟ ପ୍ରଭାବିତ ହୋଇଥିବା ସ୍ଥାନୀୟ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ କେତେଜଣ ଖଳ ପ୍ରକୃତିର ଲୋକେ କେନାଲ କାଟି ଦେଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଖରିଫ ଚାଷ ପାଇଁ କେନାଲରେ ଦୁଇଦିନ ତଳେ ପାଣି ଛଡ଼ାଯାଇଥିଲା। ହେଲେ ପ୍ରଖର ସ୍ରୋତରେ ଦୁର୍ବଳ ହୋଇପଡ଼ିଥିବା କେନାଲ ବନ୍ଧରେ ଫାଟ ସୃଷ୍ଟି ହୋଇ ଭାଙ୍ଗି ଯାଇଥିଲା। ଫଳରେ ସାନ୍ତରାପୁର ସମେତ ବାଲିପଡ଼ା, ରାଙ୍ଗିଆ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇଯାଇଥିଲା। ଅଞ୍ଚଳରେ ସ୍ୱଳ୍ପବର୍ଷା ଯୋଗୁ ପ୍ରଥମରୁ ଚାଷ କାର୍ଯ୍ୟ ପଛେଇଛି। ଏବେ ଜମିରେ ପାଣି ମାଡ଼ି ଯାଇ ତଳି ନଷ୍ଟ ହୋଇଯାଇଥିବାରୁ ଖରିଫ୍ ଧାନଚାଷ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି।

ଢେଙ୍କାନାଳ ଜିଲାର ଚାଷୀଙ୍କ ଲାଇଫ୍ ଲାଇନ୍ ହେଉଛି ରେଙ୍ଗାଲି କେନାଲ। ମୁଖ୍ୟ କେନାଲରୁ ବାହାରିଥିବା ଶାଖା ଏବଂ ଉପଶାଖା କେନାଲ ଦ୍ୱାରା ଭୁବନ, କାମାକ୍ଷାନଗର ଏବଂ ପରଜଙ୍ଗ ବ୍ଲକର ହଜାର ହଜାର ଚାଷୀ ଉପକୃତ ହୋଇଥାଆନ୍ତି। ହେଲେ ବିଭାଗ ପକ୍ଷରୁ ବର୍ଷାଦିନ ପୂର୍ବରୁ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଅନେକ ସମୟରେ କେନାଲ ବନ୍ଧ ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ହେଉଛି। ଅନୁରୂପ ଭାବେ ୨୦୨୦ ଜୁଲାଇରେ କାମାକ୍ଷାନଗର ବ୍ଲକ ସୋଗରଠାରେ ଭଏରପୁର ଶାଖା କେନାଲରେ ୪୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଗତ ମଙ୍ଗଳବାର ଭୁବନ ବ୍ଲକ ଧଳପଡ଼ା ଗ୍ରାମ ନିକଟରେ ନବନିର୍ମିତ ରେଙ୍ଗାଲି ମୁଖ୍ୟ କେନାଲର ଡିଷ୍ଟ୍ରିବ୍ୟୁଟର କେନାଲ ଭାଙ୍ଗିଯାଇଥିଲା। ଏଥିପୂର୍ବରୁ ଏପ୍ରିଲ ୮ରେ ବାଉଁଶପାଳଠାରେ ରେଙ୍ଗାଲି ମୁଖ୍ୟ ବାମ କେନାଲରେ ୪୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଆବଶ୍ୟକ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ରେଙ୍ଗାଲି କେନାଲରେ ବାରମ୍ବାର ଘାଇ ସୃଷ୍ଟି ହେଉଛି। ଠିକାଦାରଙ୍କ ଜରିଆରେ ହେଉଥିବା କାର୍ଯ୍ୟର ଆବଶ୍ୟକ ତଦାରଖ କରାଯାଉ ନ ଥିବାରୁ ସେମାନେ ମନଇଚ୍ଛା ନିମ୍ନମାନର କାମ କରୁଛନ୍ତି। ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ପ୍ରତିବର୍ଷ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଚାଷୀମାନେ କହିଛନ୍ତି। ରେଙ୍ଗାଲି କେନାଲ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ଗଗନ ବିହାରୀ ଦାସ କୁହନ୍ତି, କେନାଲ କେତେବେଳେ ଭାଙ୍ଗିବ ତାହା କହିବା କଷ୍ଟକର। ସାଧାରଣତଃ ଦୁର୍ବଳ ହୋଇପଡ଼ିଥିବା ବନ୍ଧ ପାଣି ଆସିଲେ ଭାଙ୍ଗି ଯାଇଥାଏ। ତେବେ ଭଏରପୁର କେନାଲରେ ଘାଇ ମନୁଷ୍ୟକୃତ। କେତେଜଣ ଖଳ ପ୍ରକୃତିର ଲୋକ ଭୋର୍ ସମୟରେ କେନାଲ ଭାଙ୍ଗିଛନ୍ତି। ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ଘଟଣାକୁ ନେଇ ଥାନାରେ ଅଭିଯୋଗ କରାଯିବ।

